# Akashvani, Sambalpur

## SAMBALPURI NEWS EVENING BULLETIN

## 11 October 2024- 7.02 pm- 7.12 pm.

*********************************************

୧- ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନୁ ଲାଗିଛେ ଗହକି ।

- ଆଏଜ୍ ଶକ୍ତିପୀଠମାନ୍‌କେ ନଅମୀ ଆର୍ ମଣ୍ଡପ୍‌ଥି ହେଉଛେ ଅଷ୍ଟମୀ ପୂଜା ।

- ଭୁବ୍‌ନେଶ୍ୱର୍ ନ ପୂଜା ମଣ୍ଡପ୍ ବୁଲ୍‌ଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- ଭବାନୀପାଟ୍‌ନା ନ ହେଲା କଲାହାଣ୍ଡି ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କର୍ ବିଜୟ ଛତର୍ ଯାତ୍ରା ।

୩- କେନ୍ଦ୍ର ସର୍‌କାର୍ ଓଡ଼ିଶାକେ ଦେଲେ ୮ ହଜାର୍ ୬୮ କୋଟି ଟଙ୍କାର୍ କେନ୍ଦ୍ରୀୟ ଟିକସ୍ ଭାଗ୍ ବାବଦ୍ କିସ୍ତି ।

ଆଉର୍

୪- ଆଏଜ୍ ହେଉଛେ ଆନ୍ତର୍ଜାତିକ କନ୍ୟାସନ୍ତାନ ଦିବସ୍ ।

ଦୁର୍ଗାପୂଜା ସମ୍ବଲପୁର/ସୁବର୍ଣ୍ଣପୁର/ବୌଦ୍ଧ/ଝାରସୁଗୁଡ଼ା/
ନୂଆପଡ଼ା/ଦେବ୍‌ଗଡ଼୍

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନ ଗହକି ଲାଗିଛେ । ଶକ୍ତିପୀଠ ମାନ୍‌କେ ଆଏଜ୍ ନଅମୀ ପୂଜା ଚାଲିଥିବାର ବେଲେ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ଅଷ୍ଟମୀ ପୂଜା କରାଯାଉଛେ । ମନ୍ଦିର୍ ଆର୍ ପୂଜା ମଣ୍ଡପ୍ ମାନ୍ ସୁନ୍ଦର୍ ସାଜ୍‌ସଜା ଆର୍ ଆଲୋକମାଲାଥି ଝଲ୍‌ସୁଛେ । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ ପୂଜା ମଣ୍ଡପ୍‌କେ ଯାଇକରି ମା'ଙ୍କର୍ ଦର୍ଶନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସେ ମା'ଙ୍କର୍ ଠାନେ ଓଡ଼ିଶାର୍ ସାଢ଼େ ୪ କୋଟି ଲୁକ୍‌କର୍ ସୁଖ ଶାନ୍ତି ଆର୍ ସମୃଦ୍ଧି ସାଙ୍ଗେ ରାଜ୍ୟର୍ ବିକାଶ୍ ଲାଗି ପ୍ରାର୍ଥନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇଥର ରାଜ୍ୟ ସର୍‌କାର୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର୍ ନିର୍ଦ୍ଦେଶ୍‌ଥି ପୂଜା ମଣ୍ଡପ୍ ମାନ୍‌କର୍‌ନୁ ଆଦାୟ ହେଉଥିବା ଟିକସ୍ ଛାଡ଼୍ କରିଛନ୍ ।

ଦଶ୍‌ରା ମାସର୍ ଉଜଲ୍ ପଖର୍ ପ୍ରତିପଦା ତିଥିନୁ ମୁଲ୍ ହେଇଛେ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର୍ ନବରାତ୍ର ପୂଜା । ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଶକ୍ତିପୀଠମାନ୍‌କୁ ମା’ଙ୍କୁ ସିଦ୍ଧିଦାତ୍ରୀ ବେଶ ନ ସଜାଯାଇକରି ପୂଜା କରାଯାଉଛେ ।

ସମ୍ବଲ୍‌ପୁର୍ ନ ମା’ ସମଲେଇ ସିଦ୍ଧିଦାତ୍ରୀ ଭାବେ ପୂଜା ପାଉଛନ୍ । ଗଲାକାଏଲ୍ ଦେବୀଙ୍କର୍ ଖଣ୍ଡାଧୁଆ ବିଧି ହେଇଥିବାର୍ ବେଲେ ମନ୍ଦିର୍‌ଥି ଭାଏଜିଉଁତିଆ ଉପାସୀମାନ୍‌କର୍ ଭିଡ଼୍ ଜମିଥିଲା । ଇତାର୍‌ସଙ୍ଗେ ମା’ଙ୍କର୍ ଷୁଲ୍‌ହ ପୂଜାଥି ସାମିଲ୍ ହେବାର୍‌କେ ଫି ଦିନ ମନ୍ଦିର୍ ନ ଭକ୍ତମାନ୍‌କର୍ ଭିଡ଼୍ ହେଉଛେ । ଆସୁନ୍ ଶୁନ୍‌ମା ଇ ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ସୁବର୍ଣ୍ଣପୁର୍‌ର ଲୋକଦେବୀ ସୁରେଶ୍ୱରୀ ଆଏଜ୍ ମହିଷାମର୍ଦ୍ଦିନୀ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ସୁବର୍ଣ୍ଣପୁର୍ ସହେତେ ଭିନ୍ ଭିନ୍ ଜାଗା ନ ୭୭ ଟା ମଣ୍ଡପ୍‌ଥି ଦେବୀଙ୍କର୍ ମୃଣ୍ମୟୀ ପ୍ରତିମାର୍ ପୂଜା ଚାଲିଛେ । ବୀର୍‌ମହାରାଜ୍‌ପୁର୍ ବିନ୍‌କା ଆର୍ ତର୍‌ଭା ଇଲାକାର୍ ମାହେଶ୍ୱରୀ ପୀଠମାନ୍‌କୁ ଷୁଲହପୂଜା ଚାଲିଥିବାର୍ ବେଲେ ଷୁଲହ ଭର୍‌ନୀ ବଜାଥି ଦେବୀପୀଠମାନ୍ ଦୁଲ୍‌କୁଛେ । ଆଏଜ୍ ଅଧ୍‌ରାତି ନୁ ସୁବର୍ଣ୍ଣପୁର୍‌ର ଖମ୍ଭେଶ୍ୱରୀ ମନ୍ଦିର୍ ଠାନେ ମହାବଳୀ ଯାତ୍ରା ହେବା ।

ଝାର୍‌ସୁଗୁଡ଼ା ଜିଲ୍ଲା ନ ଶକ୍ତିପୀଠ ଆର୍ ପୂଜାମଣ୍ଡପ୍ ମାନ୍‌କୁ ଭକ୍ତି ଆର୍ ଉସ୍‌ନାକିଥି ମାଙ୍କର୍ ପୂଜାର୍ଚ୍ଚନା ଚାଲିଛେ । ଲୋକ୍‌ମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ୧୯ ନମ୍ବର୍ ଜାତୀୟ ରାଜପଥର୍ ପୁର୍‌ନା ନୁ କନକ୍‌ତୁରାତକ୍ ଦୁଇପହରର୍ ୩ ବଜେନୁ ରାତି ୧୧ ବଜେତକ୍ ମାଲ୍‌ବାହି ବଡ଼ଗାଡ଼ି ଚଲାଚଲ୍ ଉପ୍‌ରେ କଟ୍‌କନା ଲଗାଯାଇଛେ । ଆଏବା ୧୪ ତାରିଖ୍ ଇ କଟ୍‌କନା ରହେବା ବଲି ଆଂଚଲିକ୍ ପରିବହନ୍ ଅଧିକାରୀଙ୍କର୍ ତର୍‌ଫୁ କୁହାଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ନୂଆପଡ଼ା, ଖରିଆର୍, କୋମ୍‌ନା, ସିନାପାଲି ସହେତେ ସବୁଆଡ଼େ ଶକ୍ତିପୀଠ ଆର୍ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ଆରାଧନା ଚାଲିଛେ । ଭାଏଜିଉଁତିଆର୍ ଲାଗି ଜାଗା ଜାଗା ଡାଲ୍‌ଖାଇ ଭିଲ୍ ହେଉଛେ ।

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବ୍ଲକ୍‌ର ଘଂଟାପଡ଼ା ନ ଦୁର୍ଗାପୂଜା ଅବ୍‌ସରେ ରାବଣ୍ ଦର୍‌ବାର୍ ଆୟୋଜିତ ହେଇଛେ । ସେନ୍ତା ଗୁଡ୍‌ଭେଲିପଦର୍ ନ ଯାଦବ୍ ଗଉଡ୍ ସମାଜ୍ ତର୍‌ଫୁ ମା’ ସମଲେଇଙ୍କର୍ ବାଡ଼ି ଯାତ୍ରା ହେଇଯାଇଛେ । ହେଥି ଦେବୀଙ୍କୁ ଗମ୍ଭୀରା ଭିତ୍‌ରୁ ମନ୍ଦିର୍ ଆଗାଡ଼େ କରାଯାଇଥିବା ମଣ୍ଡପ୍‌କେ ଆନିକରି ପୂଜା କରାଯାଇଥିଲା । ଛତର୍, ବାନାବୈରଖ୍ ଧରିକରି ପଂଚବାଦ୍ୟର୍ ତାଲେ ଦେବୀଙ୍କର୍ ମେହେରୁଣୀ ନଦୀଥି ସ୍ନାନ କରାଲା ଉତ୍‌ରୁ ବାଡ଼ି ଖେଲ୍ ହେଇଥିଲା । ସେନ୍ତା ଜିଲ୍ଲାର୍ ଐତିହାସିକ୍ ଶକ୍ତିପୀଠ ପୁରୁଣାକଟକ୍‌ର ମା’ ଭୈରବୀଙ୍କର୍ ଠାନେ

ଆଏଜ୍ ମହାନଅମୀ ପୂଜା ସାଙ୍ଗେ ନବାନ୍ନ ଲାଗି କରାଯାଇଥିଲା । ଷୁଲହ ଦିନର୍ ଗୁପ୍ତ ପୂଜାର୍ ଲାଗି ଦେବୀଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ଥିବାର୍‌ନୁ ଭକ୍ତମାନେ ମନ୍ଦିର୍ ବାହାରେ ସାହାଡ଼ା ଗଛ୍ ତଳେ ପୂଜା କରୁଛନ୍ ।

ଦେବ୍‌ଗଡ଼୍ ଜିଲ୍ଲାର୍ ଶକ୍ତିପୀଠ ଆର୍ ପୂଜା ମଣ୍ଡପ୍ ମାନ୍‌କୁ ମା' ଦୁର୍ଗାଙ୍କର୍ ପୂଜା ସଙ୍ଗେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ହେଉଛେ ।

କଲାହାଣ୍ଡି-ବିଜୟ ଛତର୍ ଯାତ୍ରା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କର୍ ବିଜୟ ଛତର୍ ଯାତ୍ରା ଆଏଜ୍ ହେଇଯାଇଛେ । ଫି ବଛର୍ ବାଗିର୍ ଗଲାକାଏଲ୍ ମହାଷ୍ଟମୀ ଅଧ୍‌ରାତିଥି ମନ୍ଦିର୍ ନ ଦେବୀଙ୍କର୍ ଖାସ୍ ପୂଜାପାଠ୍ କରାଯିବାର୍ ଉତ୍‌ରୁ ବିଜୟ ପ୍ରତିମାର୍ ଛତରଙ୍କୁ ସହର୍ ପାଖର୍ ଉତର୍ ପଶ୍ଚିମ ଦିଗେ ମନ୍ଦିର୍‌ଠାନୁ ପାଖାପାଖି ୩ କିଲୋମିଟର୍ ଦୂରିଆ ନ ଥିବାର୍ ଜେନାଖାଲ୍‌କେ ନିଆଯାଇଥିଲା । ସେନେ ଗୁପ୍ତ ପୂଜା ଉତ୍‌ରୁ ଆଏଜ୍ ପହପହନୁ ଦେବୀଙ୍କର୍ ଛତର୍‌ଙ୍କର୍ ପ୍ରତ୍ୟାବର୍ତନ୍ ଯାତ୍ରା ମୁଲ୍ ହେଇଥିଲା । ଆସୁନ୍ ଶୁନ୍‌ମା ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ବାବ୍‌ଦେ ଆଂଚଳିକ୍ ସମ୍ବାଦ ବିଭାଗ୍‌ର ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ୧)

କେନ୍ଦ୍ରୀୟ ଟିକସ୍- ରାଜ୍ୟ ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍କାର୍ ରାଜ୍ୟମାନ୍କୁ କେନ୍ଦ୍ରୀୟ ଟିକସ୍ ଭାଗ୍ ବାବଦ୍ କିସ୍ତି ଆକାରେ ଲାଖେ ୭୮ ହଜାର୍ ଶହେ ୭୩ କୋଟି ଟଙ୍କା ଦେଇଛନ୍ । ସେଥୁ ଓଡ଼ିଶାକେ ୮ ହଜାର୍ ୬୮ କୋଟି ଟଙ୍କା ମିଳିଛେ । ରାଏଜେ ଚାଲିଥିବା ଭିନ୍ ଭିନ୍ ବିକାଶ୍ କାମ୍କେ ତ୍ୱରାନ୍ୱିତ କର୍ବାର୍ ସହେତେ ରାଜ୍ୟର୍ ସାମାଜିକ୍ ଆର୍ ଆର୍ଥିକ୍ ବିକାଶ୍କେ ମଜ୍‌ବୁତ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ ଇ ଟଙ୍କା ଦେଇଛନ୍ । କେନ୍ଦ୍ର ସର୍କାର୍ ରାଜ୍ୟ ମାନ୍କୁ ମାସ୍କିଆ କିସ୍ତି ଆକାରେ ଟିକସ୍ ଭାଗ୍ ଦେସନ୍ । ଚଲ୍ତି ପରବ୍ ସମିଆକେ ନଜର୍‌ଥି ରଖିକରି ଅକ୍ଟୋବର୍ ମାସ୍ ଲାଗି ଏକାସାଙ୍ଗେ ୨ ଟା କିସ୍ତି ଦିଆଯାଇଛେ । ମିଳିଥିବା ସୂଚ୍ନା ଅନ୍‌ସାରେ ଚଲ୍ତି ଆର୍ଥିକ୍ ବଛର୍‌ନୁ ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ମାନ୍କୁ ୨୩ ଲାଖ୍ ୪୮ ହଜାର୍ ୯ ଶହ କୋଟି ଟଙ୍କା ଦେବାର୍କେ କେନ୍ଦ୍ର ସର୍କାର୍ ଲକ୍ଷ୍ୟ ରଖିଛନ୍ । ଯେନ୍‌ଟାକି ଇତାର୍ ଆଘର୍ ଆର୍ଥିକ୍ ବଛର୍‌ନୁ ପାଖାପାଖି ୧୧ ଦଶ୍‌ମିକ୍ ୯ ପ୍ରତିଶତ୍ ଅଏତ୍କା ଆଏ ।

ପିଏମ୍ ସୂର୍ଯ୍ୟଘର ଏନ୍ଏସ୍‌ଡି

ପିଏମ୍ ସୂର୍ଯ୍ୟଘର୍-ମୁଫ୍ତ ବିଜ୍‌ଲି ଯୋଜ୍‌ନାର୍ ଗାଇଡ୍ ଲାଇନ୍ କେନ୍ଦ୍ର ନୂଆଁ ଆର୍ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ଅଧିସୂଚିତ କରାଯାଇଛେ । ୨୦୨୬ -୨୭ ଆର୍ଥିକ୍ ବଛର୍‌ତକ୍ ଇ ଯୋଜ୍‌ନାର୍ କାର୍ଯ୍ୟକାରିତାର୍ ଲାଗି ସର୍‌କାର୍ ୭୫ ହଜାର୍ ୨୧ କୋଟି ଟଙ୍କା ବ୍ୟୟବରାଦ୍ କରିଛନ୍ । ଇ ଯୋଜ୍‌ନାଥି ଘରର୍ ଛତ୍ ଉପ୍‌ରେ ସୌର ଶକ୍ତି ଉତ୍ପାଦନ୍ ସହେତେ ତାର୍ ବ୍ୟବସାୟିକ ଦିଗ୍ ଆର୍ କାରିଗରୀ କୌଶଲ୍‌କେ ତହଁକାୟିବା ।

ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ । ଲିଙ୍ଗଗତ ସମାନତା ଆର୍ ଟୁକେଲ୍ ଛୁଆମାନ୍‌କୁ ସମାନ୍ ସୁଯୋଗ୍ ଦେବାର୍‌କେ ଇ ଦିନ୍ ପାଲନ୍ କରାଯାଉଛେ । ୨୦୧୧ ମସିହା ଡିସେମ୍ବର୍ ୧୯ ତାରିଖ୍ ଦିନ ମିଳିତ ଜାତିସଂଘର୍ ସାଧାରଣ ପରିଷଦ୍‌ଥି ଆନ୍ତର୍ଜାତୀୟ କନ୍ୟାସନ୍ତାନ୍ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ପାରିତ୍ ହେବାର୍ ଉତ୍‌ରୁ ୨୦୧୨ ମସିହାନୁ ଫି ବଛର୍ ଅକ୍ଟୋବର୍ ୧୧ ତାରିଖ୍‌କେ ଆନ୍ତର୍ଜାତୀୟ କନ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ଟୁକେଲ୍‌ମାନେ ଯେନ୍ତା ଶିକ୍ଷା, ପୋଷଣ, ଶାରୀରିକ୍ ଆର୍ ମାନସିକ କଲ୍ୟାଣ, ଆଇନ୍‌ଗତ ଅଧିକାର୍ ସବୁ କ୍ଷେତ୍ର ନ ଭେଦ୍‌ଭାବ୍‌ର ଶିକାର୍ ନାଇଁ ହେବେ ସେ ବାବ୍‌ଦେ

ସମାଜ୍‌କେ ସଚେତନ୍ କର୍‌ବାର୍ ଇ ଦିନ୍ ପାଲନ୍‌ର ଉଦ୍ଦେଶ୍ୟ ଆଏ । ଇ ବଛର୍ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍‌ର ବିଷୟ 'ଭବିଷ୍ୟତ ପାଇଁ କନ୍ୟାଙ୍କ ଦୂରଦୃଷ୍ଟି' ରଖାଯାଇଛେ ।

କେନ୍ଦ୍ର ମହିଳା ଆର୍ ଶିଶୁବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ଗଲା ୨ ତାରିଖ୍‌ନୁ ଆଏଜ୍‌ତକ୍ ୧୦ ଦିନ୍ ଧରିକରି ବେଟି ବଚାଓ-ବେଟି ପଢ଼ାଓ ଅଭିଯାନ୍‌ଥି ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ ହେଇଛେ । ସେଥି ଗଛ୍ ଜଗା ସାଙ୍ଗେ ପାଠ୍‌ପଢୁଥିବା ମେଧାବୀ ଟୁକେଲ୍ ଛୁଆମାନ୍‌କୁ ସମ୍ବର୍ଦ୍ଧନା, କନ୍ୟାପୂଜନ୍ କାର୍ଯ୍ୟକ୍ରମ୍, ସ୍ୱାସ୍ଥ୍ୟ ଶିବିର, ଖେଲ୍‌କୁଦ୍ ବାଗିର୍ କାର୍ଯ୍ୟକ୍ରମ୍ ମାନ୍ ହେଉଛେ । ଟୁକେଲ୍ ଛୁଆମାନ୍‌କୁ ସଶକ୍ତ କର୍‌ବାର୍‌ଟା ଖାଲି ଆମର୍ ଦାୟିତ୍ୱ ନୁହେଁ ଗୁଟେ ଉଜ୍ଜ୍ୱଲ୍ ଭବିଷ୍ୟତର୍ ଭିଜନ୍ ଆଏ ବଲି କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ ।

ସମ୍ବଲ୍‌ପୁର୍- ସଡ଼କ୍ ଘାଟେ ବୁଡ଼ି ୨ ନିଖୋଜ

ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲପୁର ବଡ଼ବଜାରର୍ ସଡ଼କ୍ ଘାଟ୍ ନ ଆଏଜ୍ ଉପର୍‌ବେଲା ସାଢ଼େ ୪ ବଜେ ମହାନଦୀଥି ବୁଡ଼ିକରି ୨ ଝନ୍ ପିଲା ନିଖୋଜ୍ ହେଇଯାଇଛନ୍ । ଖବର୍ ପାଇକରି ଅଗ୍ନିଶମ କର୍ମଚାରୀମାନେ ଘଟ୍‌ନାଜାଗା ନ ପୁହୁଁଚିକରି ଉଦ୍ଧାର୍ କାମ୍

ଚଲେଇଛନ୍ । ଅନ୍ଧାର୍ ହେଇଯାଇଥିବାର୍‌ନୁ ଉଦ୍ଧାର୍ କାମ୍‌ଥି ବାଧା ହେଉଛେ । ସୂଚ୍‌ନା ଅନ୍‌ସାରେ କ୍ଷେତ୍‌ରାଜ୍‌ପୁର୍ ତିଓ୍ୱାରୀ ଗଲି ଇଲାକାର୍ ୩ ଝନ୍ ସ୍କୁଲ୍ ଛୁଆ ନଦୀ ଆଡ଼୍‌କେ ବୁଲି ଆସିଥିବାର୍ ବେଲେ ୨ ଝନ୍ ଗାଧିବାର୍ ଲାଗି ପାଏନ୍‌କେ ଉତ୍‌ରିଥିଲେ ।